ନୈହାଟି ମୁନିସିପାଲିଟି ଏବଂ ଅନ୍ୟମାନେ

ବନାମ

ଚିନ୍ମୟୀ ମୁଖାର୍ଜୀ ଏବଂ ଅନ୍ୟାନ୍ୟ

ଅଗଷ୍ଟ 6, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ ନ୍ୟାୟାଧୀଶଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894 :*

*ଧାରା 4 (1), 6 (1) — 'ସାର୍ବଜନୀନ ଉଦ୍ଦେଶ୍ୟ' ପାଇଁ ଜମି ଅଧିଗ୍ରହଣ - ଜମି ଅଧିଗ୍ରହଣ କରି ଫେରିବାଲାମାନଙ୍କର ପୁନଃ ଥଇଥାନ - ଏହା ସାର୍ବଜନୀନ ଉଦ୍ଦେଶ୍ୟ ବୋଲି ନିର୍ଣ୍ଣୟ ହେଲା - ଅଧିଗ୍ରହଣ ପାଇଁ ଫେରିବାଲାଙ୍କ ସଂଘ ଦ୍ୱାରା ପ୍ରଦାନ କରାଯାଇଥିବା ଟଙ୍କା ଏବଂ ପୌର ପାଣ୍ଠିର ଅବିଚ୍ଛେଦ୍ୟ ଅଂଶ ଭାବରେ ଗଠିତ ଏବଂ ମିଶ୍ରିତ ପୌରପାଳିକାର ପାଣ୍ଠିରେ ଜମା - ଫେରିବାଲାଙ୍କ ଦ୍ୱାରା ଜମା ପରେ ସେମାନଙ୍କର ଅର୍ଥ ପ୍ରତ୍ୟାହାର କରିବାର କୌଣସି ଅଧିକାର ନାହିଁ - ଉଚ୍ଚ ନ୍ୟାୟାଳୟ ଏହା କହିବା ସଠିକ୍ ନଥିଲା ଯେ ଏହି ରାଶିଟି ଧାରା 6ରେ ଉପ-ଧାରା (1) ର ଦ୍ୱିତୀୟ ପ୍ରାବଧାନର ଅର୍ଥ ମଧ୍ୟରେ ସ୍ଥାନୀୟ କର୍ତ୍ତୃତ୍ୱ ଦ୍ୱାରା ପରିଚାଳିତ କିମ୍ବା ନିୟନ୍ତ୍ରିତ ପାଣ୍ଠିର ଅଂଶବିଶେଷ ନୁହେଁ ।*

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3841/1983 ।

ସି. ଆର୍. ସଂଖ୍ୟା 2030/1978ରେ କଲିକତା ଉଚ୍ଚ ନ୍ୟାୟାଳୟର 26.7.79 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ରଥିନ ଦାସ ।

ଉତ୍ତରଦାତାଙ୍କ ପାଇଁ ପାରିଜାତ ସିହ୍ନା, ଡି. ବି. ମୁଖାର୍ଜୀ, ରାଣା ମୁଖାର୍ଜୀ, ଏଚ. କେ. ପୁରୀ, ସୁଶ୍ରୀ ସୁମିତା ମୁଖାର୍ଜୀ ଏବଂ ଗୁଡୱିଲ୍ ଇଣ୍ଡେଭାର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ନୈହାଟି ମୁନିସିପାଲିଟି ବନାମ ଚିନ୍ମୟୀ ମୁଖାର୍ଜୀ

ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ କଲିକତା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠର 26 ଜୁଲାଇ, 1979ରେ ସି.ଆର. ସଂଖ୍ୟା 2030(W)/1978ରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି । ସ୍ୱୀକୃତ ତଥ୍ୟ ହେଉଛି ଯେ ଆବେଦନକାରୀ-ପୌରପାଳିକାଙ୍କ ଦ୍ୱାରା ଜମି ଅଧିଗ୍ରହଣ କରି ଫେରିବାଲାମାନଙ୍କ ପୁନଃ ଥଇଥାନ ପାଇଁ ଏକ ସଂକଳ୍ପ ପାରିତ କରାଯାଇଥିଲା । ସେହି ତାରିଖ ସୁଦ୍ଧା ଅଧିଗ୍ରହଣ ଖର୍ଚ୍ଚ ପୂରଣ କରିବା ପାଇଁ ପୌରପାଳିକା ପାଖରେ ପର୍ଯ୍ୟାପ୍ତ ପାଣ୍ଠି ନଥିଲା । ଫଳସ୍ୱରୂପ, ଅଧିଗ୍ରହଣ ଖର୍ଚ୍ଚକୁ ପୂରଣ କରିବା ପାଇଁ ପାଣ୍ଠିକୁ ଅଂଶଦାନ କରିବାକୁ ଫେରିବାଲା ସଂଘକୁ ଅନୁରୋଧ କରାଯାଇଥିଲା । ଏହାକୁ ଆଗକୁ ବଢ଼ାଇବା ପାଇଁ, ଫେରିବାଲାଙ୍କ ସଂଘ ପୌରପାଳିକାଙ୍କ ନିକଟରେ ଜମି ଅଧିଗ୍ରହଣ ପାଇଁ 3,90,000ଟଙ୍କା ଜମା କରିଥିଲେ । ଉକ୍ତ ଅର୍ଥକୁ ପୌରପାଳିକାର ପାଣ୍ଠିରେ ଜମା କରାଯାଇଥିଲା ।  ଏହା ପରେ ଜମି ଅଧିଗ୍ରହଣ ପାଇଁ ଅନୁରୋଧ କରି ସରକାରଙ୍କୁ ଏକ ବିଚାରର୍ଥେ ପ୍ରେରଣ କରାଯାଇଥିଲା । ଏହାକୁ ଆଗକୁ ବଢାଇବା ଉଦ୍ଦେଶ୍ୟରେ, ସରକାର 1 ଅଗଷ୍ଟ, 1974ରେ ଭୂମି ଅଧିଗ୍ରହଣ ଅଧିନିୟମ, 1894 (1/1894) (ସଂକ୍ଷେପରେ, 'ଅଧିନିୟମ') ର ଧାରା 4 ( 1) ଅନୁଯାୟୀ ଅଧିସୂଚନା ଜାରି କରିଥିଲେ ଏବଂ ପି.ଏସ୍. ନାହାଟି ପୌରପାଳିକାର କଣ୍ଟାଲପାରା ଗ୍ରାମର ପ୍ରାୟ  4.717 ହେକ୍ଟର ଜମି ପରିମାଣ 412 ରୁ 426,497,2400 ରୁ 2407 ପର୍ଯ୍ୟନ୍ତ ଜମି ଭୂ-ଖଣ୍ଡ ଅଧିଗ୍ରହଣ କରିଥିଲେ । ଧାରା  6 ଅନୁଯାୟୀ ଘୋଷଣା 9 ନଭେମ୍ବର 1976 ରେ ପ୍ରକାଶିତ ହୋଇଥିଲା । ଏହି ଅଧିସୂଚନା ଏବଂ ଏହି ଘୋଷଣାକୁ ଆଜ୍ଞାଦେଶ ଆବେଦନରେ ଆପତ୍ତି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଯଦିଓ ପୌରପାଳିକା ଦ୍ୱାରା ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଘୋଷଣାନାମା ପାରିତ ହୋଇଥିଲା, ତଥାପି ପୌରପାଳିକା ପାଣ୍ଠିରୁ ଆୟୁକ୍ତଙ୍କୁ ଅର୍ଥ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେବା ପାଇଁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନଥିଲା । ଫେରିବାଲାମାନେ ନିଜେ ଏହି ଅର୍ଥ ପୌର ନିଗମରେ ଜମା କରିଥିଲେ । ସରକାର ଏକ ସର୍ତ୍ତ ଲାଗୁ କରିଥିଲେ ଯେ ଉକ୍ତ ଅର୍ଥ କେବଳ ଫେରିବାଲାମାନଙ୍କ ପୁନଃ ଥଇଥାନ ପାଇଁ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ । ପୌରପାଳିକା ଅଧିନିୟମରେ ଥିବା ଉପଯୁକ୍ତ ବ୍ୟବସ୍ଥା ଅନୁପାଳନ କରାଯାଇ ନାହିଁ । ସେହି ପରିସ୍ଥିତିରେ, ଜମି ଅଧିଗ୍ରହଣ ପାଇଁ ପ୍ରକୃତରେ କୌଣସି ସାର୍ବଜନୀନ ଉଦ୍ଦେଶ୍ୟ ନାହିଁ । ତଦନୁସାରେ, ଧାରା 6 ଅନୁଯାୟୀ ଘୋଷଣାନାମା ରଦ୍ଦ କରାଯାଇଥିଲା । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆମେ ବିଜ୍ଞ ବିଚାରପତିମାନଙ୍କ ମତ ଯୁକ୍ତି ମାଧ୍ୟମରେ ଗ୍ରହଣ କରିଛୁ ଏବଂ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ମଧ୍ୟ ଶୁଣିଛୁ । ଆମର ମତ ହେଉଛି ଯେ ଏହି ପ୍ରସଙ୍ଗରେ ଉଚ୍ଚ

ନ୍ୟାୟାଳୟ ଆଭିମୁଖ୍ୟ ସଠିକ୍ ନଥିଲା । ଜମି ଅଧିଗ୍ରହଣ କରି ଫେରିବାଲାମାନଙ୍କର ପୁନର୍ବାସ ନିର୍ବିବାଦ ଭାବେ ସାର୍ବଜନୀନ ଉଦ୍ଦେଶ୍ୟ; ନଚେତ୍ ଯଦି ଫେରିବାଲାମାନଙ୍କୁ ସାର୍ବଜନୀନ ପକ୍କା ପାର୍ଶ୍ୱପଥରେ ଜିନିଷପତ୍ର ପରିବହନ କରିବାକୁ ଅନୁମତି ଦିଆଯାଏ ଯାହା ସହରରେ ଯାତାୟାତକୁ ବାଧା ସୃଷ୍ଟି କରେ, ତେବେ ଏହା ପୌରପାଳିକା ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଏକ ଚିରନ୍ତନ ସମସ୍ୟା ହେବ । ତେଣୁ, କୌଣସି କଳ୍ପନା ଦ୍ୱାରା, ଏହା ଏକ ସାର୍ବଜନୀନ ଉଦ୍ଦେଶ୍ୟ ନୁହେଁ ବୋଲି ବିବେଚନା କରାଯାଇପାରିବ ନାହିଁ । ତେବେ ପ୍ରଶ୍ନ ଉଠୁଛି -କ୍ଷତିପୂରଣର କିଛି ଅଂଶ କିମ୍ବା ସମ୍ପୂର୍ଣ୍ଣ ଅଂଶ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପାଣ୍ଠିରୁ ଆସିବ କି ? ଧାରା 6 ର ଉପଧାରା (1) ର ଦ୍ୱିତୀୟ ପ୍ରାବଧାନ ସେହି ପ୍ରସଙ୍ଗ ସହିତ ଜଡିତ ଯାହା ଅନୁଯାୟୀ ଏପରି କୌଣସି ଘୋଷଣା କରାଯିବ ନାହିଁ ଯେ ପର୍ଯ୍ୟନ୍ତ ଏପରି ସମ୍ପତ୍ତି ପାଇଁ ଅଧିନିର୍ଣ୍ଣୟ କରାଯିବାକୁ ଥିବା କ୍ଷତିପୂରଣ ଏକ କମ୍ପାନୀ ଦ୍ୱାରା କିମ୍ବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ସରକାରୀ ରାଜସ୍ୱରୁ କିମ୍ବା ସ୍ଥାନୀୟ କର୍ତ୍ତୃତ୍ୱ ଦ୍ୱାରା ନିୟନ୍ତ୍ରିତ କିମ୍ବା ପରିଚାଳିତ କିଛି ପାଣ୍ଠିରୁ ପ୍ରଦାନ କରାଯିବ ନାହିଁ । ନିର୍ବିବାଦ ଭାବରେ ପୌରପାଳିକା ହେଉଛି ଏକ ସ୍ଥାନୀୟ କର୍ତ୍ତୃତ୍ୱ ଏବଂ ପାଣ୍ଠି ପୌରପାଳିକା ଦ୍ୱାରା ନିୟନ୍ତ୍ରିତ କିମ୍ବା ପରିଚାଳିତ । ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ ସମ୍ପୃକ୍ତ ସମୟରେ ଅଧିଗ୍ରହଣ ଖର୍ଚ୍ଚ ପୂରଣ କରିବା ପାଇଁ ପୌରପାଳିକା ପାଖରେ ଆବଶ୍ୟକ ପାଣ୍ଠି ନଥିଲା, ସେମାନେ ଅଧିଗ୍ରହଣ ପାଇଁ ଅର୍ଥ ଯୋଗାଇବା ପାଇଁ ଫେରିବାଲା ସଂଘକୁ ଅନୁରୋଧ କରିଥିଲେ । ଫଳସ୍ୱରୂପ 3,90,000ଟଙ୍କା ନଗର ଆୟୁକ୍ତଙ୍କୁ ହସ୍ତାନ୍ତର କରିବାକୁ ଆସିଥିଲା, ଯିଏ ଏହାକୁ ପୌରପାଳିକା ପାଣ୍ଠିରେ ଜମା କରିଥିଲେ । ଏହା ଦ୍ୱାରା, ଏହି ରାଶି ଗଠିତ ହୋଇଥିଲା ଏବଂ ପୌର ପାଣ୍ଠିର ଅବିଚ୍ଛେଦ୍ୟ ଅଂଶରେ ସମ୍ମିଳିତ ହୋଇଥିଲା । ଏହା ସତ୍ୟ ଯେ ଉକ୍ତ ଅର୍ଥ କେବଳ ସାର୍ବଜନୀନ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ବୋଲି ସରକାର କଟକଣା ଲଗାଇଥିଲେ । ଏହା ସ୍ପଷ୍ଟ ହେବ ଯେ ଯେହେତୁ ପୌରପାଳିକା ପାଖରେ ଆବଶ୍ୟକ ପାଣ୍ଠି ନଥିଲା, ତେଣୁ ସରକାର ଏକ ସର୍ତ୍ତ ଲାଗୁ କରିଥିଲେ ଯେ ଫେରିବାଲାମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ କେବଳ ଅଧିଗ୍ରହଣ ଖର୍ଚ୍ଚ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ, କାରଣ ଏହା ଅନ୍ୟ ଉଦ୍ଦେଶ୍ୟରେ ନିର୍ଦ୍ଦେଶିତ ହୋଇପାରେ । ଏହି ପ୍ରସଙ୍ଗର ମୁଖ୍ୟ ବିଷୟ ହେଉଛି ଯେ ଫେରିବାଲାମାନେ ଜମା କରିବା ପରେ, ପୌରପାଳିକାର ପାଣ୍ଠିର ଅଂଶ ହୋଇଥିବା ଉକ୍ତ ରାଶିକୁ ଉଠାଇବା ପାଇଁ ସେମାନଙ୍କର କୌଣସି ଅଧିକାର ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟ ଏହା ନିର୍ଣ୍ଣୟ ନେବାରେ ସଠିକ୍ ନଥିଲେ ଯେ ଧାରା 6 ର ଉପ-ଧାରା (1) ର ଦ୍ୱିତୀୟ ପ୍ରାବଧାନ ଅର୍ଥରେ ଏହି ରାଶି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ କିମ୍ବା ନିୟନ୍ତ୍ରିତ ପାଣ୍ଠିର ଅଂଶ ହୋଇନାହିଁ ।

ତଦନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି ।

ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

R.P. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।